# ଅଧ୍ୟାୟ-୭
# ମଜୁରୀ ଏବଂ ବେକାରୀ ଭତ୍ତା ପଇଠ

## ୭.୧ ମଜୁରୀ ପଇଠ :

୭.୧.୧ ଯଦି ଆଇନ୍‌ର ଧାରା ୬(୧) ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମଜୁରୀ ସମ୍ବନ୍ଧୀୟ ବିଜ୍ଞପ୍ତି ଜାରି ହୋଇନଥିବ, ତେବେ ସ୍କିମ୍ ଅଧିନରେ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ସର୍ବନିମ୍ନ ମଜୁରି ଆଇନ୍, ୧୯୪୮ ଅଧିନରେ ରାଜ୍ୟ ସରକାର (ବା ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ)ଙ୍କ ଦ୍ୱାରା କୃଷି ଶ୍ରମିକମାନଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମଜୁରୀ ହାରରେ ମଜୁରୀ ପାଇବା ପାଇଁ ହକ୍‌ଦାର ହେବେ ।

୭.୧.୨ ଉଭୟ ପୁରୁଷ ଓ ମହିଳା ଶ୍ରମିକଙ୍କୁ ସମାନ ମଜୁରୀ ପଇଠ କରାଯିବ ଏବଂ "ସମାନ ପାରିଶ୍ରମିକ ଆଇନ୍, ୧୯୭୬"କୁ ଅନୁପାଳନ କରାଯିବ ।

୭.୧.୩ କାମ ଚାଲୁରହିଥିବା ସମୟରେ ରାଜ୍ୟ ସରକାର ଶ୍ରମିକମାନଙ୍କୁ ତାଙ୍କ ମଜୁରୀର କିଛି ଅଂଶ ଦୈନିକ ଭିତ୍ତିରେ ପ୍ରଦାନ କରି ପାରନ୍ତି ।

୭.୧.୪ସପ୍ତାହର ଏକ ପ୍ରାକ୍-ବିନିର୍ଦ୍ଦିଷ୍ଟ ଦିବସରେ ପ୍ରତି ଗ୍ରାମ ପଞ୍ଚାୟତରେ ସାପ୍ତାହିକ ଭିତ୍ତିରେ ମଜୁରୀ ବିତରଣ କରାଯିବା ପାଇଁ ସୁପାରିଶ୍ କରାଯାଉଛି । ବ୍ୟାଙ୍କ୍ କିମ୍ବା ପୋଷ୍ଟାଲ୍ ନେଟ୍‌ୱାର୍କ ମାଧ୍ୟମରେ ମଜୁରି ବିତରଣ କରା ଯାଉଥିଲେ ସେହି ସୂଚନାକୁ ସର୍ବସାଧାରଣରେ ପ୍ରକଟନ କରାଯିବା ଉଚିତ୍ ।

୭.୧.୫ ଠିକ୍ ସମୟରେ ମଜୁରୀ ପଇଠକୁ ସୁନିଶ୍ଚିତ କରିବା ଜରୁରୀ ଅଟେ । ସାପ୍ତାହିକ ଭିତ୍ତିରେ ଶ୍ରମିକମାନେ ମଜୁରୀ ପାଇବାକୁ ହକ୍‌ଦାର ଏବଂ ଅତିବେଶୀରେ ଯେଉଁ ତାରିଖରେ କାମ ହୋଇଥିବ, ତା'ର ୧୫ ଦିନ ମଧରେ ମଜୁରି ଦିଆଯିବ (ଆଇନ୍‌ର ଧାରା ୩-୩) । ମଜୁରି ବିତରଣରେ କୌଣସି ପ୍ରକାର ବିଳମ୍ବ ହେଲେ ମଜୁରି ପ୍ରଦାନ ଆଇନ୍, ୧୯୩୬ ଅନୁଯାୟୀ ଶ୍ରମିକମାନେ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ (ଆଇନ୍‌ର ଅନୁସୂଚୀ-୨ର ଧାରା-୩୦) । କ୍ଷତିପୂରଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।

୭.୧.୬ ରାଜ୍ୟ ସରକାର ଓ କାର୍ଯ୍ୟକ୍ରମ କର୍ତ୍ତୃପକ୍ଷଗଣ ମଜୁରୀ ହାରକୁ ସରଳ ଭାଷାରେ ଏବଂ ବିଭିନ୍ନ ମାଧ୍ୟମରେ ପ୍ରସାରଣ କରିବାକୁ ସମସ୍ତ ପ୍ରକାର ଚେଷ୍ଟା କରିବେ, ଯଦ୍ୱାରା ସ୍ଥାନୀୟ ଜନଗୋଷ୍ଠୀ ସହଜରେ ସେସବୁକୁ ଜାଣିପାରିବେ । ପ୍ରତି କାର୍ଯ୍ୟସ୍ଥଳରେ ମଜୁରୀ ହାର ମଧ୍ୟ ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ ।

୭.୧.୭ କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏବଂ ରାଜ୍ୟ ସରକାର ଶ୍ରମିକମାନେ ମୁଣ୍ଡପିଛା ଉପାର୍ଜନ କରୁଥିବା ହାରାହାରି ମଜୁରି ଉପରେ ଦୃଷ୍ଟି ରଖିବେ ।

୭.୧.୮ ଯଦି ଶ୍ରମିକମାନେ ଚାହାନ୍ତି, ତେବେ ଗୋଟିଏ ରାଜ୍ୟ ସରକାର "ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ (ଏନ୍.ଆର୍.ଇ.ଜି.ଏସ୍.)" ଅଧିନସ୍ଥ ମଜୁରି ପଇଠକୁ ସାମାଜିକ ସୁରକ୍ଷା ବ୍ୟବସ୍ଥାଗୁଡିକ ସହ ସାମିଲ୍ କରିବାର ପ୍ରସ୍ତାବକୁ ବିଚାର କରିପାରନ୍ତି । ଶ୍ରମିକମାନଙ୍କ ସମ୍ମତି କ୍ରମେ ମଜୁରୀର କିଛି ଅଂଶକୁ ଅଲଗା ରଖି ଏହାକୁ ଏନ୍.ଅଥର୍.ଇ.ଜି.ଏସ୍. ଶ୍ରମିକମାନଙ୍କ ପାଇଁ ପ୍ରସ୍ତୁତ ବିଭିନ୍ନ କଲ୍ୟାଣ ଯୋଜନାଗୁଡିକରେ ବିନିଯୋଗ କରାଯାଇପାରିବ, ଯଥା ସ୍ୱାସ୍ଥ୍ୟବୀମା, ଦୁର୍ଘଟଣା ବୀମା, ଉତ୍ତରଜୀବୀଙ୍କ ପ୍ରାପ୍ୟ, ମାତୃତ୍ୱକାଳୀନ ସୁବିଧା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧାମାନ । ସାମାଜିକ ସୁରକ୍ଷା ପାଇଁ ଏପରି ଏକ ବ୍ୟବସ୍ଥା ପୁରାପୁରି ସ୍ୱେଚ୍ଛାକୃତ ହେବ । ଶ୍ରମିକମାନଙ୍କ ଅନୁମତି ବିନା ସେମାନେ ପାଉଥିବା ମଜୁରୀରୁ ଏପରି କୌଣସି ଅଂଶ କାଢି ନିଆଯାଇ ପାରିବ ନାହିଁ । ଏଥିପାଇଁ ପ୍ରାସଙ୍ଗିକ କାର୍ଯ୍ୟବିଧିକୁ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯିବ ଏବଂ ରାଜ୍ୟ ପରିଷଦ ଦ୍ୱାରା ନିୟମିତ ଭାବେ ସମୀକ୍ଷା କରାଯିବ । ଏହି ସାମାଜିକ ସୁରକ୍ଷା ପାଣ୍ଠିଗୁଡିକର ଉପଯୋଗରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପାଇଁ କଠୋର ବ୍ୟବସ୍ଥାମାନ ଏଥିରେ ଅର୍ନ୍ତଭୂକ୍ତ କରାଯିବା ଉଚିତ୍ ଏବଂ ଏଥିରେ ରାଜ୍ୟ ସରକାରଙ୍କଠାରୁ ଅନୁପୂରକ ଅନୁଦାନ ମିଳିବାର ବ୍ୟବସ୍ଥା ସ୍ଥାନିତ ହୋଇପାରେ ।

## ୭.୨ ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ୍ ମାଧ୍ୟମରେ ଅର୍ଥପଇଠ-

୭.୨.୧ ବ୍ୟାଙ୍କ୍ (ବା ପୋଷ୍ଟ ଅଫିସ୍) ମାଧ୍ୟମରେ ଯଦି ସମସ୍ତ ଅର୍ଥ ପଇଠ କରାଯାଏ, ତେବେ ତାହା ଫଳରେ ଗୋଟିଏ

ସୁଫଳ ମିଳିବ- କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କ ଠାରୁ ପଇଠକାରୀ ସଂସ୍ଥାମାନଙ୍କୁ ଅଲଗା ରଖିହେବ । ବ୍ୟାଙ୍କ ବା ପୋଷ୍ଟ ଅଫିସ୍ ଜରିଆରେ ଅର୍ଥପଇଠ ବ୍ୟବସ୍ଥା ଚାଲୁ କଲାବେଳେ ନିମ୍ନୋକ୍ତ ବିଷୟଗୁଡିକ ପ୍ରତି ଧ୍ୟାନ ଦେବାକୁ ପଡିବ-

୧) ସମସ୍ତ ଶ୍ରମିକମାନଙ୍କ ତରଫରୁ ଗୋଟିଏ ଯଥୋଚିତ କର୍ତ୍ତୃପକ୍ଷ (ଯଥା ବ୍ୟାଙ୍କ୍ ବା ଗ୍ରାମ ପଞ୍ଚାୟତ) ବ୍ୟାଙ୍କ ବା ପୋଷ୍ଟ ଅଫିସ୍‌ରେ ଆକାଉଣ୍ଟ ଖୋଲିବା ଦିଗରେ ସ୍ୱୟଂଚାଳିତ ହୋଇ ଉଦ୍ୟମ କରିବା ଉଚିତ୍ । ଶ୍ରମିକମାନେ ନିଜେ ନିଜର ଆକାଉଣ୍ଟ ଖୋଲିବେ ବୋଲି କେହି ଆଶା କରିବା ଉଚିତ୍ ନୁହେଁ ।

୨) 'ବ୍ୟକ୍ତିଗତ ଆକାଉଣ୍ଟ' (ପ୍ରତି ଏନ୍.ଆର୍.ଇ.ଜି.ଏ. ଶ୍ରମିକ ପାଇଁ ଗୋଟିଏ ଲେଖା) ଓ 'ମିଳିତ ଆକାଉଣ୍ଟ' (ପ୍ରତି ଜବ୍ କାର୍ଡ ପାଇଁ ଗୋଟିଏ ଲେଖା) ଭିତରୁ ବୁଝି ବିଚାରି ଗୋଟିଏକୁ ପସନ୍ଦ କରିବାକୁ ପଡିବ । ଯଦି ମିଳିତ ଆକାଉଣ୍ଟ୍ ଖୋଲିବା ଦରକାର, ତେବେ ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ (ଯଥା ସ୍ୱାମୀ ଓ ସ୍ତ୍ରୀ) ଏହାର ସହ-ଧାରକ ହେବେ । ଯେଉଁ ପରିବାରର ମୁଖିଆ ଜଣେ ପୁରୁଷ, ସେହି ପରିବାରର ସମୁଦାୟ ଆୟ ଯେପରି ସେହି ସଂପୃକ୍ତ ପୁରୁଷର ବ୍ୟକ୍ତିଗତ ଆକାଉଣ୍ଟକୁ ଚାଲିନଯାଏ, ଏବଂ ସେହି କାରଣରୁ ମହିଳାମାନେ ଯେପରି କପର୍ଦ୍ଦକଶୂନ୍ୟ ହୋଇ ନପଡନ୍ତି, ସେଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ ।

୩) ବ୍ୟାଙ୍କ ସହିତ କାରବାର କରିବା କ୍ଷେତ୍ରରେ ମହିଳାମାନଙ୍କ ସମେତ ସମସ୍ତ ଶ୍ରମିକମାନେ ଯେପରି ସମର୍ଥ ହୋଇପାରିବେ ସେଥିପାଇଁ ସ୍ୱତନ୍ତ୍ର ସଚେତନତା ଓ ଜାଗରଣ କାର୍ଯ୍ୟକ୍ରମ, ବିଶେଷ କରି ସେହିସବୁ ଅଞ୍ଚଳରେ ପରିଚାଳିତ ହେବା ଦରକାର, ଯେଉଁଠି ଲୋକେ ବ୍ୟାଙ୍କ୍ ସହିତ କାରବାର କରିବାରେ ଅଭ୍ୟସ୍ତ ନୁହଁନ୍ତି ।

୪) ସ୍ଥାନୀୟ ଅବସ୍ଥାକୁ ଆଖି ଆଗରେ ରଖି ତଥା ସୁରୁଖୁରୁରେ ଓ ଠିକ୍ ସମୟରେ ପାଉଣାଗୁଡିକୁ ସୁନିଶ୍ଚିତ ପଇଠ କିଭଳି ସମ୍ଭବ ହୋଇପାରିବ, ସେହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ବ୍ୟାଙ୍କ୍ ପସନ୍ଦ କରିବାକୁ ପଡିବ (ଯଥା ଗ୍ରାମ୍ୟ ବ୍ୟାଙ୍କ୍, ସମବାୟ ବ୍ୟାଙ୍କ୍, ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍, ପୋଷ୍ଟ୍ ଅଫିସ୍, ବା ଦୁର୍ଗମ ଅଞ୍ଚଳ ପାଇଁ ମୋବାଇଲ୍ ବ୍ୟାଙ୍କ୍ ) । ଉଦାହରଣ ସ୍ୱରୂପ, ଗ୍ରାମ ପଞ୍ଚାୟତର ଆକାଉଣ୍ଟ୍ ଯେଉଁ ବ୍ୟାଙ୍କ୍‌ରେ ଖୋଲିଛି, ଯଦି ଶ୍ରମିକମାନଙ୍କର ଆକାଉଣ୍ଟ୍ ସେହି ବ୍ୟାଙ୍କ୍‌ରେ ଖୋଲାଯାଏ ତେବେ ଏହା ସୁବିଧାଜନକ ହୋଇପାରେ । ଯେଉଁ ସ୍ଥଳେ ଆନ୍ତଃ-ବ୍ୟାଙ୍କ୍ ନେଣଦେଣ ଦରକାର ପଡିବ, ରାହାକୁ ଯଥାସମ୍ଭବ ସରଳୀକରଣ କରିବାକୁ ପଡିବ ।

୫) ବ୍ୟାଙ୍କ୍ ଜରିଆରେ ଅର୍ଥ-ପଇଠ ବ୍ୟବସ୍ଥା ଚାଲୁ କରିବା ପୂର୍ବରୁ ସଂପୃକ୍ତ ବ୍ୟାଙ୍କ୍ ଗୁଡିକର ସଂପୂର୍ଣ୍ଣ ସହଯୋଗ ନେବାକୁ ଯତ୍ନ କରିବାକୁ ପଡିବ. କାରଣ ସେମାନଙ୍କର ନିଜର କେତେକ ସମସ୍ୟା ରହିଛି (ଯଥା କର୍ମଚାରୀ ଅଭାବ) । ଯଥାସମ୍ଭବ ବ୍ୟାଙ୍କ୍ ଚାର୍ଯ ବ୍ୟବସ୍ଥା ନରଖିବା ପାଇଁ ଚେଷ୍ଟା କରିବା ଉଚିତ୍ ।

୬) ବ୍ୟାଙ୍କ୍‌ରୁ ଟଙ୍କା ଉଠାଇବାର ପଦ୍ଧତି ଉପରେ ଗ୍ରାମ ପଞ୍ଚାୟତମାନଙ୍କୁ ସୁସ୍ପଷ୍ଟ ନିର୍ଦ୍ଦେଶାବଳୀ ଦିଆଯିବା ଦରକାର ।

୭) କିଏ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବ (ଯଥା ଶ୍ରମିକ ନିଜେ, ବ୍ୟାଙ୍କ୍ ବା ଗ୍ରାମ ପଞ୍ଚାୟତ), ଏ ବିଷୟରେ ସମସ୍ତଙ୍କର ସୁସ୍ପଷ୍ଟ ଧାରଣା ଥିବା ଆବଶ୍ୟକ । କୌଣସି ଜଣେ ବି ଶ୍ରମିକ ଯେମିତି ବାଦ୍ ନପଡନ୍ତି, ସେଥିପାଇଁ ଯତ୍ନବାନ୍ ହେବାକୁ ପଡିବ, କାରଣ ସେମାନେ ନିଜେ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବା ପାଇଁ ସକ୍ଷମ ନୁହଁନ୍ତି ।

୮) ଏନ୍.ଆର୍.ଇ.ଜି.ଏ. ଶ୍ରମିକମାନଙ୍କ ପାଇଁ ବିନା ଦେୟରେ ଆକାଉଣ୍ଟ୍ ଖୋଲିବା ପାଇଁ ବ୍ୟାଙ୍କ୍ ମାନଙ୍କୁ ଅନୁରୋଧ କରାଯିବା ଦରକାର ।

୯) ପୁରୁଷ ପରିଚାଳିତ ପରିବାର କ୍ଷେତ୍ରରେ ମହିଳା ସଦସ୍ୟଙ୍କ ନାଁରେ ଅଲଗା ଆକାଉଣ୍ଟ୍ ଖୋଲାଯାଇପାରେ ।

୧୦) ଚେକ୍ ଭଙ୍ଗାହେବାରେ ଡେରି, ଶାଖା ବ୍ୟାଙ୍କ୍ ଗୁଡିକରେ କର୍ମଚାରୀ ଅଭାବ ଅଥବା ବ୍ୟାଙ୍କ୍ ପରିଚାଳକମାନଙ୍କର ଅନିଚ୍ଛା ଇତ୍ୟାଦି ସମସ୍ୟାଗୁଡିକ ନଘଟିବା ପାଇଁ ରାଜ୍ୟ ସ୍ତରୀୟ ବ୍ୟାଙ୍କ୍ ସମନ୍ୱୟ ବୈଠକଗୁଡିକରେ ରାଜ୍ୟସରକାର ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କରି ପାରନ୍ତି ।

୧୧) ବହୁସଂଖ୍ୟକ ଚେକ୍ ବ୍ୟବହାରକୁ ଏଡାଇବା ପାଇଁ ପ୍ରତି ଶ୍ରମିକଙ୍କୁ ବ୍ୟକ୍ତିଗତ ଚେକ୍ ଜରିଆରେ ଅର୍ଥ-ପଇଠ କରିବାର ବ୍ୟବସ୍ଥାକୁ ଏଡାଇବାକୁ ପଡିବ । ମଷ୍ଟର୍ ରୋଲ୍‌ରେ ସୂଚୀତ ହୋଇଥିବା ଶ୍ରମିକମାନଙ୍କର ଗୋଟିଏ ଗୋଟିଏ ଦଳ ନାଁରେ ଶାଖା ବ୍ୟାଙ୍କର ମ୍ୟାନେଜରଙ୍କୁ ସମ୍ବୋଧନ କରି 'ପେ ଅର୍ଡର୍' ତିଆରି କରାଯିବା ଦରକାର; ଯେଉଁଥିରେ ପ୍ରତି ଶ୍ରମିକର ନାମର ଡାହାଣରେ ସୂଚୀତ ଅର୍ଥରାଶିକୁ ତାଙ୍କର ଆକାଉଣ୍ଟରେ ଜମା କରିବା ପାଇଁ ତଥା ଉକ୍ତ ଶ୍ରମିକ ଚାହିଁବା ମାତ୍ରେ ତାଙ୍କୁ ପେମେଣ୍ଟ କରିବା ପାଇଁ ନିର୍ଦ୍ଦେଶ ସ୍ଥାନିତ ହୋଇଥିବ । ଯେତେବେଳେ ଜଣେ ଶ୍ରମିକଙ୍କୁ ତାଙ୍କର ପାଉଣା ପଇଠ କରାଯିବ, ସେତେବେଳେ ତାଙ୍କୁ ଏକ ମଜୁରି ଚିଠା (ଓ୍ୱେଜ୍ ସ୍ଲିପ୍ ) ଦିଆଯିବ । ଏହି ମଜୁରି ଚିଠାର ଏକ ଫର୍ମାଟ୍ ସଂଲଗ୍ନ ନଥି ବି-୩(୧)ରେ ସ୍ଥାନିତ ହୋଇଛି । ଏହି ମଜୁରି ଚିଠା ତଥା ଅର୍ଥ-ଉଠାଣ ଚିଠା (ଉଇଥ୍‌ଡ୍ରଆଲ୍ ସ୍ଲିପ୍) ଦାଖଲ କରିଲେ ହିଁ ଶ୍ରମିକ ବା ତାଙ୍କ ଦ୍ୱାରା ଚୟନ ହୋଇଥିବା ପ୍ରତିନିଧିଙ୍କୁ ନଗଦ ଟଙ୍କା ଦିଆଯାଇ ପାରିବ । ଜଣେ ବ୍ୟକ୍ତି ସଂପୃକ୍ତ ଶ୍ରମିକଙ୍କର ପ୍ରତିନିଧି ବୋଲି ଲିଖିତ ଭାବେ ଚୟନ ହୋଇନଥିଲେ ତାଙ୍କୁ କି ଆଉ କୌଣସି ତୃତୀୟ ପକ୍ଷଙ୍କୁ ନଗଦ ଉଠାଣ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ।

୧୨) ମଜୁରୀ ପଇଠ ପାଇଁ ଉଦ୍ଦିଷ୍ଟ ଥିବା ସାଧାରଣ ନୀତିନିୟମ ଏବଂ ମାର୍ଗଦର୍ଶୀକା ସହ ବ୍ୟାଙ୍କ ପେମେଣ୍ଟ ସଂଗତିଶୀଳ ହେଉଥିବ; ଏହି ନୀତିନିୟମ ଗୁଡିକ ଭିତରେ ଅଛି- ସର୍ବସାଧାରଣ ସ୍ଥାନରେ ସମସ୍ତ ଶ୍ରମିକଙ୍କୁ ମଜୁରୀ ବିତରଣ, ମଷ୍ଟର୍ ରୋଲ୍‌ର ତଥ୍ୟାବଳୀକୁ ବଡପାଟିରେ ପଢି ଶୁଣାଇବା, ଜବ୍ କାର୍ଡଗୁଡିକରେ ତଥ୍ୟ ଦରଜ କରିବା, ଏବଂ ମଷ୍ଟର୍ ରୋଲ୍‌ରେ ସ୍ୱାକ୍ଷର ବା ଅଙ୍ଗୁଳିଛାପକୁ ସ୍ଥାନିତ କରିବା ଇତ୍ୟାଦି । ଏ କ୍ଷେତ୍ରରେ ପୁଣି ଆଉ କେତେକ ନୀତିନିୟମ ପାଳନ କରାଯାଇ ପାରେ, ଯଥା ଉଦାହରଣ ସ୍ୱରୂପ, ଜବ୍ କାର୍ଡରେ ତଥ୍ୟ ଦରଜ କରିବା ସହିତ ପଇଠ ଚିଠା ବା ପେମେଣ୍ଟ ସ୍ଲିପ୍ (ବା ଆକାଉଣ୍ଟ ପେୟି ଚେକ୍) ସର୍ବସାଧାରଣ ସମ୍ମୁଖରେ ବିତରଣ କରିବା ।

୧୩) ଯଥାସମ୍ଭବ ବ୍ୟାଙ୍କ୍ ପାସ୍‌ବୁକ୍‌ର ପ୍ରସ୍ତୁତି ଶୈଳୀ ଏପରି ହେବା ଉଚିତ୍ ଯେ, ଏନ୍.ଆର୍.ଇ.ଜି.ଏ. ପେମେଣ୍ଟକୁ ତଦାରଖ କରିବା ସହଜ ହେବ, ଦୃଷ୍ଟାନ୍ତ ସ୍ୱରୂପ, ଜବ୍ କାର୍ଡ ଏବଂ ମଷ୍ଟର୍ ରୋଲ୍‌ରେ ଦରଜ ହୋଇଥିବା ତଥ୍ୟାବଳୀକୁ ପାସ୍‌ବୁକ୍ ସହିତ ମିଳାଇବା ସମ୍ଭବ ହେବ ।

୧୪) ବ୍ୟାଙ୍କ୍ ଓ ପାସ୍‌ବୁକ୍ ଜରିଆରେ ପଇଠ ହେଉଥିବା ମଜୁରି ସମ୍ବନ୍ଧୀୟ ସୂଚନାବଳୀକୁ ଜବ୍ କାର୍ଡରେ ଲିପିବଦ୍ଧ କରିବାକୁ ପଡିବ ।

## ୭.୩ ବେକାରୀ ଭତ୍ତା :

୭.୩.୧ ଯଦି ଜଣେ ଶ୍ରମିକ ଏନ.ଆର୍.ଇ.ଜି.ଏ. ଅଧୀନରେ କାମ ପାଇଁ ଆବେଦନ କରିଥାନ୍ତି, କିନ୍ତୁ ଯେଉଁ ତାରିଖରୁ କାମ ଚାହୁଁଛନ୍ତି, ତାହାର ପନ୍ଦର ଦିନ ଭିତରେ ତାଙ୍କୁ କାମ ଯୋଗାଇ ଦିଆନପାଏ, ତେବେ ଏହି ଆଇନ୍‌ରେ ବିହିତ ହୋଇଥିବା ହାରରେ ରାଜ୍ୟ ସରକାରଙ୍କ ଠାରୁ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ହେବେ । ଯେ କୌଣସି ଜିଲ୍ଲା ବା ଅଞ୍ଚଳରେ ଏହି ଆଇନ୍ ବିଜ୍ଞାପିତ ହେବା ସଙ୍ଗେ ସଙ୍ଗେ ଏହି ପ୍ରାପ୍ୟ ପ୍ରଯୁଜ୍ୟ ହେବ ।

୭.୩.୨ ବ୍ଲକ୍ ମଧ୍ୟରେ ଯେ କୌଣସି ସ୍ଥାନରେ ଯଥାଶୀଘ୍ର ବେକାରୀ ଭତ୍ତା ପଇଠ କରିବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ଉତ୍ତରଦାୟୀ ରହିବେ ।

୭.୩.୩ ଯେଉଁ ରୀତିନୀତିକୁ ଅନୁସରଣ କରି ମଜୁରୀ ପଇଠ କରା ଯାଇଥାଏ, ବେକାରୀ ଭତ୍ତା ମଧ ତଦନୁଯାୟୀ ପଇଠ କରାଯିବ । ବିଶେଷ କରି ଗ୍ରାମ ପଞ୍ଚାୟତ ସ୍ତରରେ ବେକାରୀ ଭତ୍ତାକୁ ସାପ୍ତାହିକ ଭିତ୍ତିରେ ''କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିବସ''ରେ ପଇଠ କରାଯିବ ।

୭.୩.୪ ବେକାରୀ ଭତ୍ତା ମିଳିବାର ନ୍ୟାଯ୍ୟ ତାରିଖଠାରୁ ଏହା କୌଣସି ମତେ ପନ୍ଦର ଦିନରୁ ଅଧିକ ବିଳମ୍ବରେ ପଇଠ ହୋଇପାରିବ ନାହିଁ [ଏନ୍.ଆର୍.ଇ.ଜି.ଏ., ଧାରା-୭(୫)] । ଯଦି ବିଳମ୍ବ ଘଟେ, ତେବେ ସଂପୃକ୍ତ ବ୍ୟକ୍ତି ସେହି ନୀତି ଅନୁଯାୟୀ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ, ଯେଉଁ ନୀତି ବଳରେ ମଜୁରି ପଇଠ ଆଇନ୍, ୧୯୩୬ ଅନୁଯାୟୀ ମଜୁରି କ୍ଷତିପୂରଣ ଦିଆଯାଇଥାଏ । କ୍ଷତିପୂରଣ ବ୍ୟୟ ରାଜ୍ୟ ସରକାର ହିଁ ବହନ କରିବେ ।